**ଜବରଦଖଲରେ ଥିବା ୨୫ ଦୋକାନ ଉଚ୍ଛେଦ**

ଫୁଲନଖରା, (ଡି.ଏନ୍.ଏ.): କଟକସଦର ବ୍ଲକ ଆମଣ ପଞ୍ଚାୟତ ଅନ୍ତର୍ଗତ ଅଢାଳିଆ ମୌଜା ଡିପିଏସ ରାସ୍ତାପାର୍ଶ୍ୱ ଜଙ୍ଗଲ ଜମିରେ ୨୦ବର୍ଷ ଧରି ଦୋକାନ କରିଥିବା ୨୫ଟି ଦୋକାନକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ଜିଲା ପ୍ରଶାସନ ଗୁରୁବାର ଉଚ୍ଛେଦ କରିଛି। ଏଥିରେ କଟକ ସଦର ତହସିଲର ଅତିରିକ୍ତ ତହସିଲଦାର ପୁଷ୍ପାଶ୍ରୀ ସାଣ୍ଡିଲ, ରାଜେଶ ସାମଲ, ସଦର ଥାନା ଅତିରିକ୍ତ ଆଇଆଇସି ଅନିତା ସାହୁ ଓ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଉଚ୍ଛେଦ ଯୋଗୁ ରୋଜଗାର ହରାଉଥିବା ଦୋକାନ ମାଲିକ ଗତ ୨୪ତାରିଖରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏନେଇ କଟକ ସଦର ତହସିଲଦାର ସସ୍ମିତ ଗଡ଼ନାୟକଙ୍କୁ ପଚାରିବାରୁ ଅଭିଯୋଗକୁ ବିଚାର କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ବିନା ନୋଟିସରେ ବସ୍ତି ଉଚ୍ଛେଦକୁ ବିରୋଧ

**କଟକ ଅଫିସ,୩୦।୯:** ବିନା ନୋଟିସରେ ଜଗନ୍ନାଥ ରୋଡ ବସ୍ତିକୁ ଉଚ୍ଛେଦ ଉଦ୍ୟମ କରାଯାଇଥିବାରୁ ଗୁରୁବାର ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଲୋକଙ୍କ ଉପରେ ବଳ ପ୍ରୟୋଗ ବନ୍ଦ ପାଇଁ ମଞ୍ଚ ଦାବି କରିଛି। ସେହିପରି ଆଇନ ଅନୁଯାୟୀ ଉପଯୁକ୍ତ ଥଇଥାନ ବିନା ବସ୍ତି ଉଚ୍ଛେଦ ବନ୍ଦ କରିବା, ବସ୍ତିବାସିନ୍ଦାଙ୍କୁ ଯାଗା ଓ ଘର ଯୋଗାଇଦେବା ପ୍ରଭୃତି ଦାବି ନେଇ ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡେପୁଟି କମିଶନରଙ୍କୁ ଦିଆଯାଇଛି। ଏହି ଆନ୍ଦୋଳନରେ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### 'ଶିକ୍ଷା ସଂସ୍କୃତିସମ୍ପନ୍ନ ସମାଜର ମେରୁଦଣ୍ଡ'

**କଟକ ଅଫିସ, ୩୦।୯:** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଷ୍ଟମ ସମାବର୍ତ୍ତନ ଉତ୍ସବ ଭର୍ଚୁଆଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ରବିଶଙ୍କର ପୌରୋହିତ୍ୟ କରି କହିଥିଲେ, ଶିକ୍ଷା ହେଉଛି ଯେକୌଣସି ସଂସ୍କୃତିସମ୍ପନ୍ନ ଓ ସଭ୍ୟ ସମାଜର ମେରୁଦଣ୍ଡ ବୋଲି କହିଥିଲେ। ସେହିପରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଜୟ କୁମାର ସିଂ ଯୋଗଦେଇ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ନୂତନ କୀର୍ତ୍ତି ଓ ପାଇଥିବା ମାନ୍ୟତା ବିଷୟରେ କହିଥିଲେ। ଉକ୍ତ ଉତ୍ସବରେ ପ୍ରଫେସର ରଜିତା କୁଲକର୍ଣ୍ଣି ଅଧକ୍ଷତା କରିଥିଲେ। ଏହି ଅବସରରେ ୮ଜଣଙ୍କୁ ପିଏଚ୍‌ଡି ସମ୍ମାନ ସହ ୪୯୯ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗର ୧୯ଜଣ ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ରଙ୍କ ସମେତ ଏମ୍‌ବିଏ ପାଠ୍ୟକ୍ରମର ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଥିଲା। ବିନୋଦ ମେନନ, ଡ. ଆଲକେଡ ବଲିତଜର, ଇଏନ କୁଏକ, ଦେବ ବରୟାନି, କ୍ରିଷ୍ଣା ହୁସେଇନାଲି ମଥୋହରୋ, ନନ୍ଦିନୀ ଟଣ୍ଡନ, ସୁଶ୍ରୀ ପ୍ରିୟା ଟଣ୍ଡନ, ସୁଶ୍ରୀ ରଥୀ ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ରେଜିଷ୍ଟ୍ରାର ପ୍ରଫେସର ବି.ଆର୍. ଶର୍ମା ଧନ୍ୟବାଦ ଦେଇଥିଲେ। କଳା ଓ ଗଣଯୋଗାଯୋଗ ବିଭାଗର ଡିନ୍ ରତିକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ର ପଡ଼ିଆରେ ଚାଲିଛି ମିନାବଜାର

**କଣ୍ଟାପଡା,୩୦।୯(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗତ ୪ଦିନ ହେଲା ମିନାବଜାର ଚାଲୁଛି। ଏଠାରେ କୋଭିଡ୍ କଟକଣାକୁ ଉଲ୍ଲଂଘନ କରାଯାଉଛି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିକଟରେ ଖବର ନାହିଁ। ସନ୍ଧ୍ୟାବେଳେ ଏଠାରେ ଗହଳି ଲାଗୁଥିବାରୁ ଚିନ୍ତାର ବିଷୟ ହୋଇଛି। ଅଢ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶରତଚନ୍ଦ୍ର ମହାପାତ୍ର କୁହନ୍ତି, ଏ ବିଷୟରେ କଣ୍ଟାପଡା ତହସିଲଦାର ଓ କଟକସଦର ଉପଜିଲାପାଳଙ୍କୁ ଜଣାଇଛୁ। ତହସିଲଦାର ମିତାଞ୍ଜଳି ଦାଶ କୁହନ୍ତି, ମିନାବଜାର ଚଲାଇବା ପାଇଁ କୌଣସି ପରିମିଶନ ନିଆଯାଇ ନାହିଁ। ତେବେ ପୋଲିସ ସହ କାର୍ଯ୍ୟାନୁଷ୍ଠାନ ପାଇଁ କଥା ହୋଇଛି।

### ଶିଳ୍ପୋଦ୍ୟୋଗୀ ଲଳିତ ପାଟୋଦିଆଙ୍କ ସ୍ମରଣୋତ୍ସବ

**କଟକ ଅଫିସ, ୩୦।୯:** ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ (ଓଇଆ)ର ପୂର୍ବତନ ସଭାପତି ଲଳିତ ପାଟୋଦିଆଙ୍କ ସ୍ମରଣୋତ୍ସବ ଗୁରୁବାର ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଇଆ ପ୍ରେକ୍ଷାଳୟରେ ପାଳିତ ହୋଇ ଯାଇଛି। ଏଥିରେ ଓଇଆ ସଭାପତି ମିହିର କାନୁନଗୋ ଅଧକ୍ଷତା କରିଥିଲେ। ଉତ୍କଳ ପ୍ରସଙ୍ଗର ପୂର୍ବତନ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଶିଳ୍ପନୀତି କିପରି ଶିଳ୍ପୋଦ୍ୟୋଗୀଙ୍କୁ ସହାୟକ ହେବ ସେ ବିଷୟରେ କହିଥିଲେ। ଶିଳ୍ପୋଦ୍ୟୋଗୀ ମାନସ ଦାସ, ଖବରଦାତା ଅରୁଣ ପଣ୍ଡା, ନିକୁଞ୍ଜ ଛୋଟରାୟ, ଦେବ ଦାସ, ଅବନୀ କାନୁନଗୋ, ଗୌର ଗୋପାଳ ସେନ୍, ଭବାନୀ ପଣ୍ଡିତ, କେଦାର ପଟ୍ଟନାୟକ, ଶ୍ୟାମ ଭଗତ, ଗୋପାଳ ବାବୁ, ଶ୍ରୀକାନ୍ତ ବାବୁ ପ୍ରମୁଖ ଯୋଗଦେଇ ଲଳିତଙ୍କ ସ୍ମୃତିଚାରଣ କରିଥିଲେ। ଅସ୍ତ ସୂର୍ଯ୍ୟର ଆକାଶ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମାନସ ଦାସ ଏହାର ସମ୍ପାଦନା କରିଛନ୍ତି। ଉକ୍ତ ଉତ୍ସବରେ ଲଳିତଙ୍କ ପୁତ୍ର ଆଦିତ୍ୟ, କନ୍ୟା ଶାଳିନୀ ଓ ଜାମାତା ରୋହିତ ଖେମ୍‌କା ଉପସ୍ଥିତ ଥିଲେ।

# ୩ ଚଳଚ୍ଚିତ୍ରକୁ ୬ ପୁରସ୍କାର

**ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁଣି ବାଜି ମାରିଲେ ହିତେଶ୍**

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)

କୋଭିଡ-୧୯ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ (ସିଆଇଏଫ୍ଏସ୍)ରେ ପୁଣି ବାଜିମାରିଲେ ଓଡ଼ିଆ ପୁଅ ହିତେଶ୍ କୁମାର। ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ରକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ସହିତ ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ଚଳିତ ବର୍ଷ ଅନ୍‌ଲାଇନ୍ ମୋଡ୍‌ରେ ହୋଇଥିବା ସିଆଇଏଫ୍ଏସ୍ ପ୍ରତିଯୋଗିତାରେ ହିତେଶଙ୍କ ୩ଟି ଚଳଚ୍ଚିତ୍ର ୬ଟି ପୁରସ୍କାର ପାଇଛି। ୧୯୯୯ ମହାବାତ୍ୟାରେ ପରିଜନଙ୍କୁ ହରାଇଥିବା ଜଣେ ହିନ୍ଦୁ ବ୍ରାହ୍ମଣ ମା' ଓ ମୁସ୍‌ଲମାନ୍ ପୁଅର ମମତାର ବନ୍ଧନକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର 'ମା' ପରି କିଏ ହେବ'କୁ 'ଶ୍ରେଷ୍ଠ ଇଣ୍ଡିଆନ୍ ଫିଲ୍ମ କାଟେଗୋରୀ', 'ଶ୍ରେଷ୍ଠ ନିର୍ଦ୍ଦେଶକ', 'ଶ୍ରେଷ୍ଠ ସିନେମାଟୋଗ୍ରାଫି' ଏବଂ 'ଶ୍ରେଷ୍ଠ ପୋଷ୍ଟର ଡିଜାଇନ୍' ଭାବେ ପୁରସ୍କୃତ କରାଯାଇଛି। ସେହିପରି ଚଳଚ୍ଚିତ୍ର 'ସ୍ୱପ୍ନା'କୁ 'ଶ୍ରେଷ୍ଠ ଇଣ୍ଡିଆନ୍ ଫିଲ୍ମ କାଟେଗୋରି' ଓ 'ବିଜୟିନୀ' ଚଳଚ୍ଚିତ୍ରକୁ 'ଶ୍ରେଷ୍ଠ ଏଡିଟର୍' ପୁରସ୍କାର ମିଳିଛି। ଅନ୍ୟଏକ ଚଳଚ୍ଚିତ୍ର 'ମାଉଣ୍ଟେନ୍ ହକି'କୁ 'ଶ୍ରେଷ୍ଠ ଇଣ୍ଡିଆନ୍ ଫିଲ୍ମ କାଟେଗୋରି' ଓ 'ଶ୍ରେଷ୍ଠ ନିର୍ଦ୍ଦେଶକ' ପୁରସ୍କାର ପ୍ରଦାନ କରାଯାଇଛି। ଏହି ଚଳଚ୍ଚିତ୍ରକୁ ଦେବାଶିଷ ମହାପାତ୍ର ଓ ଅବିନାଶ ପ୍ରଧାନ ନିର୍ଦ୍ଦେଶନା ଦେଇଛନ୍ତି।



ପ୍ରତିଯୋଗିତାରେ ଭାରତ ବ୍ୟତୀତ ଆଫଗାନିସ୍ତାନ, ରୁଷିଆ, ଇସ୍ରାଏଲ୍, ଇରାନ୍, ଇରାକ୍, ପାକିସ୍ତାନ, ଶ୍ରୀଲଙ୍କା, ୟୁକେ, ଆଫ୍ରିକା, ବାଂଲାଦେଶ ସମେତ ୩୦ ଦେଶରୁ ଫିଲ୍ମ ସାମିଲ ହୋଇଥିଲା। ସମୁଦାୟ ୧୩ଶହ ଚଳଚ୍ଚିତ୍ର ମଧ୍ୟରୁ ୭୫ଟି ଶର୍ଟଲିଷ୍ଟ ହୋଇ ଅଫିସିଆଲ୍ ସିଲେକ୍ସନ ହୋଇଥିଲା। ୧୦ ଦେଶରୁ ୨୧ଜଣ ଜୁରୀ ମେମ୍ବର ଥିଲେ। ଗତ ୬ରୁ ୧୦ତାରିଖ ପର୍ଯ୍ୟନ୍ତ ଚଳଚ୍ଚିତ୍ରଗୁଡିକର ସ୍କ୍ରିନିଂ କରାଯାଇଥିଲା। ୧୩ ତାରିଖରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସତ୍ୟବ୍ରତ ଜେନା ଫେଷ୍ଟିଭାଲ ଚେୟାରମ୍ୟାନ, ଜଗନ୍ନାଥ ପାଣି ଫେଷ୍ଟିଭାଲ ଚିଫ୍, ବିଭାସ ବନ୍ଦୋପାଧ୍ୟାୟ ଫେଷ୍ଟିଭାଲ ଚିଫ୍ ମିଡିଆ ଫିଲ୍ମ ଏବଂ ଭି.ଭି. ମହେଶ୍ୱର ରାଓ ଫେଷ୍ଟିଭାଲ ଡାଇରେକ୍ଟର ପ୍ରମୁଖ ଭୂମିକା ନିଭାଇ ଥିଲେ। ଏନେଇ ହିତେଶ କହିଛନ୍ତି, ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ହୋଇଥିବାରୁ ଖୁସି ଲାଗୁଛି। ତେବେ ରାଜ୍ୟସରକାରଙ୍କ ପକ୍ଷରୁ କିଛି ପ୍ରୋତ୍ସାହନ ମିଳିପାରିଲେ ଆଗକୁ ବଢିବାରେ ସହାୟକ ହୋଇପାରିବ।

# ୨ ଦିନ ଭସାଣି କରିବାକୁ ପ୍ରସ୍ତାବ

- କମିଶନରେଟ ପୋଲିସ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ
- ବଳପୂର୍ବକ ଚାନ୍ଦା ଆଦାୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୩୦।୯

ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ କମିଶନରେଟ ପୋଲିସ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ସମସ୍ତ ପୂଜା କମିଟିର ଅଧିକାରୀ, ମହାନଗର ଶାନ୍ତିକମିଟି, ପୂର୍ବାଞ୍ଚଳ ଶାନ୍ତି କମିଟିକୁ ପୂଜା ସମୟ ସମସ୍ତ ଦିଗ ଉପରେରେ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ପୂଜା କମିଟି ସଦସ୍ୟମାନେ୨ଦିନ ଭସାଣି ଯାତ୍ରା ଓ ପୂଜା ମଣ୍ଡପ ଉପରେ ଲାଇଟ ଲଗାଇବାରେ ଅନୁମତି ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ପୂଜା ସମୟରେ ଦାଦାବଟିକୁ ନା ଅଭିଯାନକୁ ମଜଭୁତ କରାଯିବ ତାହା ଉପରେ ଗୁରୁତ୍ୱ ଦେବା ସହ ଏ ନେଇ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ। ସେହିପରି ମହାନଗର ଶାନ୍ତିକମିଟି ସଭାପତି ଦେବେନ୍ଦ୍ର ସାହୁ କହିଛନ୍ତି, ମଣ୍ଡପଗୁଡିକରେ ଆଲୋକ ଲଗାଇବାକୁ ଅନୁମତି ମିଳିଛି। ଭସାଣି କେତେ ଦିନ ହେବ ସେନେଇ ପୁଣି ମିଟିଂ ହେବ ବୋଲି କହିଛନ୍ତି। ବୈଠକରେ କଟକ ଡିସିପି ପ୍ରତୀକ ସିଂ, ମହାନଗର ପୂଜାକମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ଶାନ୍ତିକମିଟି ସମ୍ପାଦକ ଭିକାରି ଦାସ, କାର୍ଯ୍ୟକାରୀ ସଭାପତି ବିଜୟ ଦାଶ, ପୂର୍ବାଞ୍ଚଳ ଶାନ୍ତି କମିଟି କସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପଟେ ପୂଜା ନାମରେ ବଳପୂର୍ବକ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। କେଉଁଠି ଚାନ୍ଦା ଆଦାୟ ହେଉଥିଲେ ପୋଲିସକୁ ତୁରନ୍ତ ଜଣାଇବାକୁ କୁହାଯାଇଛି। ସୂଚନା ଦେଇଥିବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବା ସହ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଟୁଇଟ୍ କରି ସୂଚନା ଦିଆଯାଇଛି। ଏନେଇ ୮୭୬୩୦୬୮୧୬୭, ୧୧୨ ନଂରେ ଯୋଗାଯୋଗ କରିବା ସହ ହ୍ୱାଟସ୍ ଆପ, ଟୁଇଟର ମାଧ୍ୟମରେ ଅଭିଯୋଗ କରିପାରିବେ ବୋଲି କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ



କଟକ ଅଫିସ, ୩୦।୯

ମଙ୍ଗୁଳି ଟୋଲ ଗେଟଠାରେ ଗୁରୁବାର ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଯାଞ୍ଚ କରି ୮୪ କିଲୋ ଗଞ୍ଜେଇ ସହ ଏକ କାର୍‌କୁ ଜବତ କରିଛି। ଏଥିସହ ଗଞ୍ଜେଇ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି ସ୍କ୍ୱାଡ୍। ସେମାନେ ହେଲେ, ମହାରାଷ୍ଟ୍ର ଅନ୍ତର୍ଗତ ନାଗପୁରର ମହମ୍ମଦ ଇମିତିଆଜ(୨୯) ଓ ବିହାରର ମହମ୍ମଦ ସବିର। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଗଜପତିରୁ ବସ୍ ଯୋଗେ ବରମୁଣ୍ଡାକୁ ଗଞ୍ଜେଇ ଆସୁଛି। ପରେ ତାହା ଏକ କାର୍ ଯୋଗେ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା।

ଏ ନେଇ ଫ୍ଲାଇଂ ସ୍କ୍ୱାଡ ବିଶେଷସୂତ୍ରରୁ ଖବରପାଇ ସକାଳ ୬ଟାବେଳେ ମଙ୍ଗୁଳି ଟୋଲ ଗେଟ ନିକଟରେ ରହି ଯାଞ୍ଚ ପ୍ରକ୍ରିୟା କରିଥିଲା। ଏହି ସମୟରେ ଏକ ନଂ. ଡବ୍ଲ୍ୟୁବି ୦୨ ୱାଇ ୭୫୮୪ ବିଶିଷ୍ଟ କାର୍ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ଥିବା ଜାଣି ୨ଜଣଙ୍କୁ ଗିରଫ କରିଥିଲେ। ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡର ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ, ଆଇଆଇସି ସରୋଜ କୁମାର ପରିଡା, ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ ଓ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ସିଡିଏ ଅଧ୍ୟକ୍ଷ ହେଲେ ଅନିଲ କୁମାର

କଟକ ଅଫିସ,୩୦।୯

କେନ୍ଦ୍ରାଞ୍ଚଳ ରାଜସ୍ୱ ଅୟୋଗ(ଆରଡିସି) ପକ୍ଷରୁ ଆରଡିସି ଅନିଲ କୁମାର ସାମଲଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟ ସରକାର ତାଙ୍କୁ ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। ସେ ଏବେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଧ୍ୟକ୍ଷ ଓ କଟକ ମହାନଗର ନିଗମ(ସିଏମସି) ପ୍ରଶାସକ ଭାବେ ନିଯୁକ୍ତ ହୋଇଛନ୍ତି। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୧ ବର୍ଷ ପାଇଁ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ନିର୍ଦ୍ଦେଶକ ଧରିତ୍ରୀ ମିଶ୍ର, ସୂଚନା ଓ ଲୋକ ସର୍କ (କେନ୍ଦ୍ରାଞ୍ଚଳ)ଉପ ନିର୍ଦ୍ଦେଶକ ଅଶୋକ ଷଡ଼ଙ୍ଗୀ, ଅର୍ଥ ପରାମର୍ଶଦାତା ଶୁଭଶ୍ରୀ ତ୍ରିପାଠୀ, ଷ୍ଟାଫ କମିଟି ସଭାପତି ପ୍ରଭାସ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ବିଦେଶୀ ମହାକୁଡ, ପ୍ରଭାତ ବେହେରା, ଗୁରୁଚରଣ ସାହୁ ଉପସ୍ଥିତ ଥିଲେ।




କଟକ ତେଲେଙ୍ଗାବଜାରଠାରେ ଗୁରୁବାର ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ କଟକ ଶାଖା ପକ୍ଷରୁ କୋଭିଡ୍ ଟିକା କେନ୍ଦ୍ର କ୍ୟାମ୍ପ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିମାନେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସରସ୍ୱତୀ



@ ଅକ୍ଷୟ



@ ବଟକୃଷ୍ଣ



@ ସତ୍ୟଜିତ



@ ସୁନନ୍ଦା



@ ଶ୍ରୀକାନ୍ତ

## ବିଡିଓ, ତହସିଲଦାରଙ୍କୁ ୧ କି.ମି. ଚଲାଇ ରାସ୍ତା ଦେଖାଇଲେ

ସାଲେପୁର,୩୦।୯(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ପିକୋଳ ପଞ୍ଚାୟତ ଅଧୀନ ମାଣତ୍ରୀ-କେରେଙ୍ଗା ରାସ୍ତା ଅବସ୍ଥା ଦୀର୍ଘବର୍ଷ ହେବ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ମାଣତ୍ରୀ-କେରେଙ୍ଗା ଗାଁର ଲୋକଙ୍କ ସହ ପଡୋଶୀ ରାଇସୁଙ୍ଗୁଡ଼ା ପଞ୍ଚାୟତର ଲୋକ ଯାତାୟାତ କରିଥାନ୍ତି। ହେଲେ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଏହି ରାସ୍ତା ଦେଇ ଜରୁରିକାଳୀନ ଗାଡ଼ି ଯିବାରେ ବାଧା ଉପୁଜିଛି। ଏ ନେଇ ପଞ୍ଚାୟତବାସୀ ବାରମ୍ବାର ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଫଳରେ ପଞ୍ଚାୟତର ଲୋକମାନେ ଏକତ୍ରିତ ହୋଇ ଗୁରୁବାର ସାଲେପୁର-କୁଆଁପାଳ ରାସ୍ତାର ଚାରମାଣିଆ ଛକ ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳକୁ ସାଲେପୁର ବିଡିଓ ରାଜୀବ ଦାସ, ତହସିଲଦାର୍ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଓ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଲୋକମାନେ ଉଭୟ ଅଧିକାରୀଙ୍କୁ ରାସ୍ତାର ଦୁରବସ୍ଥାକୁ ଦେଖିବାକୁ ପ୍ରାୟ ୧ କିମି ଚଲାଇ ରାସ୍ତା ଦେଖାଇ ଥିଲେ। ପରେ ଉଭୟ ଅଧିକାରୀ ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି କହିବା ପରେ ରାସ୍ତାରୋକୋରୁ ହଟିଥିଲେ।



ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

# 'ମାତାପିତାଙ୍କ ଆଶୀର୍ବାଦ ସନ୍ତାନକୁ ଯଶସ୍ୱୀ କରେ'

- ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ
- ୫ ପ୍ରତିଭାଧାରୀଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ ଅଫିସ, ୩୦।୯

କର୍ମଯୋଗୀ ଧନେଶ୍ୱର ରଥଙ୍କ ୨୭ତମ ପୁଣ୍ୟତିଥି ଅବସରରେ ଗୁରୁବାର ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପରିସରରେ 'ପୂଜ୍ୟପୂଜା ସମାରୋହ-୨୦୨୧' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ କହିଥିଲେ, ସଂସାରରେ ଚଳନ୍ତି ଈଶ୍ୱର ହେଉଛନ୍ତି ମାତାପିତା। ସେମାନଙ୍କ ଆଶୀର୍ବାଦ ହିଁ ସନ୍ତାନକୁ ଯଶସ୍ୱୀ କରିଥାଏ। ଏଣୁ ମାତାପିତାଙ୍କ ଉପଯୁକ୍ତ ସମ୍ମାନ ଓ ସେବାଯତ୍ନ କରିବା ସନ୍ତାନର ପରମ କର୍ତ୍ତବ୍ୟ। ଏଥିସହ ବ୍ୟକ୍ତି ଯେତେ ଜ୍ଞାନୀ, ବୁଦ୍ଧିଦୀପ୍ତ ହେଉ ପଛକେ ଯଦି ତାହା ଅନ୍ୟମାନଙ୍କ କାର୍ଯ୍ୟରେ ନ ଲାଗିଲା ତେବେ ନିରର୍ଥକ ବୋଲି ସେ କହିଥିଲେ। ଏହି ଅବସରରେ ଘୋଡ଼ାନାଚ ଶିଳ୍ପୀ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ସାହିତ୍ୟିକ ଓ ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଞ୍ଜନ, ସଙ୍ଗୀତଜ୍ଞ ମନ୍ମଥ ମିଶ୍ର, ଖବରଦାତା ରାଧାମାଧବ ମିଶ୍ର ଏବଂ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ଚଳିତବର୍ଷର 'ଧନେଶ୍ୱର ରଥ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ମୁଖ୍ୟଅତିଥି ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପ୍ରାରମ୍ଭରେ ଅତିଥିମାନେ ଧନେଶ୍ୱର ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ବଳରାମ କର ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ନର୍ସିଂ ଛାତ୍ରୀ ଲୋପାମୁଦ୍ରା ନାୟକ ନୃତ୍ୟ ପରିବେଷଣ ଏବଂ ଡ. ଲୀନା ପଟ୍ଟନାୟକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶାନ୍ତନୁ କୁମାର ଶତପଥୀ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ନବକିଶୋର ମିଶ୍ର, ପ୍ରାଧ୍ୟାପକ ଲୋକନାଥ ବେହେରା, ଇଂ. ସୁଧାଂଶୁ ଭୂଷଣ କର, ପ୍ରଦୀପ୍ତ କୁମାର ମହାନ୍ତି, କୈଳାସ ଚନ୍ଦ୍ର ବରାଳ, ଡ. ରାଜେନ୍ଦ୍ର କୁମାର ଦାସ, ଡ. ସ୍ନିଗ୍ଧମଧୁସୂଦନ ଦାସ, ଆଶିଷ ସ୍ୱାଇଁ, ପ୍ରଶାନ୍ତ କୁମାର ନାଏକ, ଆଇନଜୀବୀ ବିଧୁଭୂଷଣ ଶତପଥୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।



ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ପ୍ରସ୍ତାବିତ ଥାନା ଆଗରେ ଡଷ୍ଟବିନ ନିର୍ମାଣକୁ ବିରୋଧ

ଅସ୍ତରଙ୍ଗ,୩୦।୯(ଡି.ଏନ୍.ଏ.)- ଅସ୍ତରଙ୍ଗ ନୂଆଗଡ଼ ଛକ ନିକଟରେ ପ୍ରସ୍ତାବିତ ଥାନା ପ୍ରାଚୀର ସମ୍ମୁଖରେ ଏକ ଡଷ୍ଟବିନ ନିର୍ମାଣକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ସାଧାରଣରେ ଡଷ୍ଟବିନ କୌଣସି ରାସ୍ତା କିମ୍ବା ଲୋକଙ୍କ ସୁବିଧା ଦୃଷ୍ଟିକୁ ଦେଖି ଗୋଟିଏ ଜାଗାରେ ରଖାଯାଏ। କିନ୍ତୁ ନୂଆଗଡ଼ରେ ସେଭଳି ଡଷ୍ଟବିନ ନ ରଖାଯାଇ ପ୍ରସ୍ତାବିତ ଥାନା ଆଗରେ ରଖାଯାଇଛି। ଫଳରେ ଏହାକୁ ନେଇ ଲୋକେ ବିରୋଧ କରିବା ସହ ଏଭଳି ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୁହନ୍ତି, ଘଟଣା ସମ୍ପର୍କରେ ଜାଣିନାହିଁ। ଯଦି କିଛି ସେମିତି ହୋଇଥାଏ, ତାହେଲେ ପଞ୍ଚାୟତ ତରଫରୁ ବାତିଲ କରିବୁ। ଅନ୍ୟପଟେ ଅସ୍ତରଙ୍ଗ ଥାନା ଅଧିକାରୀଙ୍କୁ ପଚାରିବାରେ ନିର୍ମାଣ ହୋଇଛି ସତ, କିନ୍ତୁ ତାହା ସମ୍ପୂର୍ଣ୍ଣ ବେଆଇନ ଅଟେ। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




୩୦।୦୯।୨୦୨୧

| ୨,୫୦,୦୪୬ ଟଙ୍କା | |
|---|---|
| ସୁନା | ୦.୫୫୦ ମି.ଗ୍ରା. |
| ରୁପା | ୫୨.୩୫୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ଗୁଣ୍ଡିଚା ମନ୍ଦିର, ପୂର୍ବାହ୍ନ ୮ଟା ୩୦ ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ପୁରୀ ଅଫିସ, ୩୦।୯: ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦାମୋଦରପୁରର ସଞ୍ଜୟ ଜେନାଙ୍କ ସ୍ତ୍ରୀ ବନପ୍ରିୟା ସାହୁ (୨୫)। ସେ ତାଙ୍କ ବାପଘର ସଦର ଥାନା ଅନ୍ତର୍ଗତ ଘଟକୁଦି ଗ୍ରାମରେ ଥିଲେ। ଗୁରୁବାର ସକାଳେ ରୋଷେଇ କରିବା ପାଇଁ କାଠଭାଡ଼ିରୁ କାଠ ଆଣୁଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ବାପଘର ଲୋକେ ତାଙ୍କୁ କେରାଣ୍ଡିପ୍ଲା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କ ଅବସ୍ଥା ଖରାପ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ଅବହେଳା ଯୋଗୁ ବନପ୍ରିୟାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

### ବଟି ଆଦାୟ ବେଳେ ଯୁବକ ଗିରଫ, ଭୁଜାଲି ଜବତ



ପୁରୀ ଅଫିସ, ୩୦।୯: ପୁରୀ ଟାଉନ ଥାନା ପୋଲିସ ଦାଦାବଟି ମାଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଉନ ଥାନା ଅଧୀନ ବାରବାଟୀ ନୂଆସାହିର ଦୁଷ୍ମନ୍ତ ଦାଶ (୩୨)। ଅଭିଯୁକ୍ତଙ୍କଠାରୁ ଗୋଟିଏ ଭୁଜାଲି ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୨୭୯/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ପ୍ରାୟ ୮ଟା ୧୫ରେ ଜଣେ ଯୁବକ ଲୋକନାଥ ରୋଡ୍ କୁସୁନୀ ଖୁଣ୍ଟିଆ ଯାଗା ନିକଟରେ ମାରଣାସ୍ତ୍ର ଦେଖାଇ ଯାତ୍ରୀଙ୍କ ଠାରୁ ବଟି ଆଦାୟ କରୁଥିବା ପୋଲିସ ଖବର ପାଇଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ସମ୍ପୃକ୍ତ ଅଭିଯୁକ୍ତ ଦୁଷ୍ମନ୍ତଙ୍କୁ ଗିରଫ କରିଥିଲା।

### ଭରତ ନାୟକଙ୍କ ସ୍ମୃତିସଭା

କୋଣାର୍କ,୩୦।୯(ଡି.ଏନ୍.ଏ.)- କୋଣାର୍କ ଏନ୍ଏସିର ବରିଷ୍ଠ ବିଜେଡି ନେତା ତଥା କରମଙ୍ଗା ଗ୍ରାମର ମୁରବି ସ୍ୱର୍ଗତ ଭରତଚନ୍ଦ୍ର ନାୟକଙ୍କ ସ୍ମୃତିରେ ଏକ ଶୋକସଭା କରମଙ୍ଗା ଗ୍ରାମ୍ୟ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ଅସ୍ଥାୟୀ ସଭାପତି ଭାସ୍କରଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କରମଙ୍ଗା ଗ୍ରାମର ରଞ୍ଜନ ନାୟକ, ସୁରେଶ ରାଉତରାୟ, ଧ୍ରୁବଚରଣ ନାୟକ, ସମୀର ନାୟକ, ଅଜୟ ବେହେରା, ପ୍ରଭାକର ପ୍ରଧାନ, ଲିଙ୍ଗରାଜ ନାୟକ, ପଦିଆ ଦାସ, ଅମରେଶ୍ୱର ନାୟକ, ବାପି ରାଉତରାୟ ଓ ପ୍ରଭାକର ପ୍ରଧାନ ସମେତ ଗ୍ରାମ୍ୟ କମିଟିର ସଭ୍ୟମାନେ ଯୋଗଦେଇ ସ୍ୱର୍ଗତ ଭରତ ନାୟକଙ୍କ ବହୁମୁଖୀ ପ୍ରତିଭାର ସମ୍ପର୍କରେ ଆଲୋଚନା କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଦେଖିଲେ ଟିମ୍

କୋଣାର୍କ,୩୦।୯(ଡି.ଏନ୍.ଏ.)

କୋଣାର୍କ – ପୁରୀ ବେଳାଭୂମି ରାସ୍ତାର ରାମଚଣ୍ଡୀ ଓ ଟିକନା ଗ୍ରାମଠାରେ ବିପର୍ଯ୍ୟୟ ସମୟରେ କରାଯାଉଥିବା ଗୋଷ୍ଠୀସ୍ତରୀୟ ମୁକାବିଲା, ପ୍ରାକ୍ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟ ଶୈଳୀ ସମ୍ପର୍କରେ କିଭଳି ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରୁଛି ତାହାର ସ୍ଥିତି ଅନୁଧ୍ୟାନ କରିଛନ୍ତି ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ମଣ୍ଡଳୀ। ଖବର ଅନୁଯାୟୀ, ଓଡ଼ିଶାରେ ବିପର୍ଯ୍ୟୟ ସମୟରେ କିଭଳି କାର୍ଯ୍ୟପନ୍ଥା ଅବଲମ୍ବନ କରାଯାଇ ଧନଜୀବନ ସୁରକ୍ଷା ରଖାଯାଉଛି। ଏହାର ତୃଣମୂଳସ୍ତରରେ ପ୍ରସ୍ତୁତି ଦେଖିବା ପାଇଁ ଭାରତବର୍ଷର ୯ ରାଜ୍ୟ ଓ ୪ କେନ୍ଦ୍ର ଶାସିତ ଅଞ୍ଚଳର ୨୧ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ କୋଣାର୍କ ଗସ୍ତରେ ଆସିଥିଲେ। ରାମଚଣ୍ଡୀ ନଦୀ ଓ ଟିକନା ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ସମୟରେ ଗୋଷ୍ଠୀସ୍ତରୀୟ ପ୍ରାକ୍ ପ୍ରସ୍ତୁତି, ମୁକାବିଲା ଓ ଉଦ୍ଧାର ଶୈଳୀ ସମ୍ପର୍କରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମକଡ୍ରିଲ ପ୍ରଦର୍ଶିତ ହୋଇଥିଲା। ଏହି ବାତ୍ୟା ମୁକାବିଲା, ପ୍ରାକ ପ୍ରସ୍ତୁତି ଓ ଉଦ୍ଧାର ଶୈଳୀକୁ ପରଖିବା ପରେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନେ ଉଚ୍ଚ ପ୍ରଶଂସିତ କରିଥିଲେ। ଏହି ମକଡ୍ରିଲ କାର୍ଯ୍ୟ ଶୈଳୀ ପ୍ରଦର୍ଶନ ସମୟରେ ଓଏସ୍‌ଡମାର ମହାପ୍ରବନ୍ଧକ କମଳନାଥ ମିଶ୍ର, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ଜିଲା ଆପଦକାଳୀନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀମାନେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ।



ପୁରୀ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ବରିଷ୍ଠ ଆଇନଜୀବୀ ଦେବ ପ୍ରସାଦ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ଫଟୋଚିତ୍ର ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

## ଆଇନଜୀବୀ ଦେବ ପ୍ରସାଦ ଦାଶଙ୍କ ଶ୍ରାଦ୍ଧବାର୍ଷିକୀ

ପୁରୀ ଅଫିସ, ୩୦।୯:

ପୁରୀ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଗୁରୁବାର ବରିଷ୍ଠ ଆଇନଜୀବୀ ଦେବ ପ୍ରସାଦ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ଫଟୋଚିତ୍ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍ଏଚ୍ଆର୍‌ସି ଜୁଡିସିଆଲ ସଦସ୍ୟ ବୀର କିଶୋର ମିଶ୍ର ଯୋଗଦାନ କରିଥିଲେ। ଅତିଥି ଭାବେ ପୁରୀ ଜିଲ୍ଲା ଓ ଦୌରାଜଜ୍ ସନ୍ତୋଷ କୁମାର ଜେନା ଉପସ୍ଥିତ ଥିଲେ। ଓକିଲ ସଂଘ ସମ୍ପାଦକ ସାରଦା ପ୍ରସାଦ ସାମଲ ଅତିଥି ପରିଚୟ ଦେଇଥିବାବେଳେ ସଭାପତି ଭଗବାନ ମିଶ୍ର ସଭା ପରିଚାଳନା କରିଥିଲେ। ସ୍ୱର୍ଗତ ଦାଶ ଓକିଲାତି କ୍ଷେତ୍ରରେ ଯଥେଷ୍ଟ ପାରଦର୍ଶିତା ଅର୍ଜନ କରିଥିଲେ ବୋଲି ବରିଷ୍ଠ ଆଇନଜୀବୀ ରାମ ଦାଶ ଓ ବନ ବିହାରୀ ନାୟକ କହିଥିଲେ। ଏହି ଅବସରରେ ସ୍ୱର୍ଗତ ଦାଶଙ୍କ ଫଟୋଚିତ୍ର ଉନ୍ମୋଚନ ହୋଇଥିଲା। ପୁରୀ ଓକିଲ ସଂଘର ଉପସଭାପତି ରବିନାରାୟଣ ପ୍ରଧାନ, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ମିଶ୍ର, ପୂର୍ବତନ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଅଶୋକ ଦାଶ, କେଦାର ପ୍ରଧାନ, ପ୍ରେମାନନ୍ଦ ମହାନ୍ତି, ପ୍ରଶାନ୍ତ ମିଶ୍ର, ବିଜୟ ମିଶ୍ର, ବିମଳ ଦାଶ, ରମେଶ ପ୍ରଧାନ, ତପନ ବାରିକ, ବିଶ୍ୱଜିତ ପ୍ରଧାନ, କର୍ଣ୍ଣବୀର ମହାପାତ୍ର, ଅନିଲ କୁମାର ସାହୁ, କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ଶାରଦୀୟ ପୂଜା ଆରମ୍ଭ

କଣାସ,୩୦।୯(ସ୍ୱ.ପ୍ର.)

କଣାସ ବ୍ଲକର ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ଶାରଦୀୟ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏହି ପୂଜା ୧୬ଦିନ ଧରି ଅନୁଷ୍ଠିତ ହେବ। ମା'ଙ୍କ ଦୈନନ୍ଦିନ ନୀତିକାର୍ଯ୍ୟ ସରିବା ପରେ ଗୁରୁବାର ପ୍ରାତଃରୁ ବାଲିପାଟଣା ଗ୍ରାମର ସୁବୁଦ୍ଧି ପରିବାରକୁ ମନ୍ଦିରରୁ ଆଜ୍ଞାମାଳ ଯାଇ ସେଠାରେ ପ୍ରସ୍ତୁତ ଥିବା ଏକ କାଠିକୁ ସ୍ନାନ କରି ଦିଆଯାଇ ନୂତନ ବସ୍ତ୍ର, ଫୁଲ, ଚନ୍ଦନ ଦେଇ କାଠିକୁ ବାଦ୍ୟ ଧ୍ୱନି ମଧ୍ୟରେ ମନ୍ଦିରକୁ ପ୍ରତ୍ୟାବରଣ କରନ୍ତି। ଏହାପରେ ମହାରଣା ଡାକି କାଠି ଖୋରା କରାଯାଇ ସ୍ନାନ କରି ବସ୍ତ୍ର ଭୂଷଣ କରିବା ସହିତ ମନ୍ଦିରକୁ ବିଜେ କରାଯାଏ। ଆଳତି, ଶଙ୍ଖଧ୍ୱନି ବାଦ୍ୟ ମଧ୍ୟରେ ବେଢ଼ା ପରିକ୍ରମା କରାଯାଏ। ତୃତୀୟା ଓ ଚତୁର୍ଥୀ ତିଥିରେ ଠାକୁରାଣୀଙ୍କର ନିତ୍ୟ କର୍ମ କରାଯାଇ ମନ୍ଦିରରେ ବିଜେ କରିଥାନ୍ତି ଏବଂ କାଠି ଦିଅଁ ବେଢ଼ା ପରିକ୍ରମା କରନ୍ତି। ପୂଜାରୀ ଭାବେ ପ୍ରତାପ ପଣ୍ଡା, ସୁଧାକର ପଣ୍ଡା, ଜାମିନୀ ପାଢ଼ୀ, ପ୍ରସନ୍ନ ପାଢ଼ୀ ଓ ସେବକ ଭାବେ ବସନ୍ତ ମହାପାତ୍ର, ବିଜୟ ମହାପାତ୍ର, ଅକ୍ଷୟ ମହାପାତ୍ର, ଶ୍ୟାମ ମହାପାତ୍ର, ଦାମ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଜଗା ମହାପାତ୍ର, ସନା ମହାପାତ୍ର, ଦନେଇ ମହାପାତ୍ର, ବୈରାଗୀ ମହାପାତ୍ର, କୈଳାସ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର ମା'ଙ୍କ ପୂଜାରେ ସହଯୋଗ କରନ୍ତି।

# କ୍ଷତିଗ୍ରସ୍ତ ଫସଲ ସର୍ଭେ ଲାଗି ଟିମ୍ ଗଠିତ

କାକଟପୁର,୩୦।୯(ଡି.ଏନ୍.ଏ.)

ଲଘୁଚାପ ଲଗାଣ ବର୍ଷାରେ କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ପ୍ରତି ରାଜସ୍ୱ ଗ୍ରାମକୁ ୟୁନିଟ ଧରି ସର୍ଭେ କରିବା ପାଇଁ ଉଦ୍ୟାନ ବିଭାଗ, କୃଷି ବିଭାଗ ଓ ସମ୍ପୃକ୍ତ ରାଜସ୍ୱ ସର୍କଲର ରାଜସ୍ୱ ଅଧିକାରୀଙ୍କୁ ନେଇ ଏକ ୩ ଜଣିଆ ଟିମ ଗଠନ କରାଯାଇଛି। ଯେଉଁ ରାଜସ୍ୱ ଗ୍ରାମରେ ୩୩ ଶତକଡାରୁ ଉର୍ଦ୍ଧ୍ୱ ଫସଲ କ୍ଷତିଗ୍ରସ୍ତ ହୋଇଥିବ ସେହି ଅନୁସାରେ ରିପୋର୍ଟ ଦର୍ଶାଇ ଜିଓ ଟ୍ୟାଗ କରାଯିବାର ନିର୍ଦ୍ଦେଶ ଥିବା ତହସିଲଦାର ବିରଞ୍ଚି ନାରାୟଣ ବେହେରାଙ୍କଠାରୁ ସୂଚନା ମିଳିଛି। ଏହି ଅନୁସାରେ ଯଦି କ୍ଷତିପୂରଣ ଆକଳନ କରାଯିବ ତେବେ କ୍ଷୁଦ୍ର ଓ ନାମକୁ ମାତ୍ର ଚାଷୀମାନେ ସରକାରୀ ଅନୁଦାନରୁ ବଞ୍ଚିତ ହେବେ ବୋଲି ଓଥକା ସରପଞ୍ଚ ଯୁଗଳ କିଶୋର ରାଉତଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଆଶଙ୍କା ବ୍ୟକ୍ତ କରିଛନ୍ତି। କାଦୁଆ ନୂଆଗାଁ ସରପଞ୍ଚ ସୁଷମା କୁମାରୀ ଦେଇ କହିଛନ୍ତି, ଧୋଇଯିବାର ୧୫ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଏପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଆରମ୍ଭ କରିନି। ଏପରି ସମୟରେ କେତେଜଣ ଦଲାଲ ନଷ୍ଟ ହୋଇଥିବା ପାନ ବରଜ ଓ ପନିପରିବା କ୍ଷେତର ଫଟୋ ଉଠାଇ ଗ୍ରାମାଞ୍ଚଳର ଲୋକଙ୍କୁ କ୍ଷତିପୂରଣ କରାଇ ଦେବାକୁ କହି ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହେଉଛି। ତୁରନ୍ତ ତହସିଲ ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ ସାରିବା ପାଇଁ ପୁରୀ ଜିଲାପାଳ ନିର୍ଦ୍ଦେଶ ଦେବାକୁ କାକଟପୁରର ଅଗ୍ରଣୀ ଚାଷୀ ସଂଗଠନଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ କାକଟପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ ଓ କାକଟପୁର ବ୍ଲକର ପୂର୍ବତନ ଅଧକ୍ଷ ବିପିନ ବିହାରୀ ମହାନ୍ତି ଦାବି କରିଛନ୍ତି।

# ପାରାନୋଳିଆ ସାହି ବସ୍ତି ବାସିନ୍ଦାଙ୍କୁ ପଟ୍ଟା ମିଳିନି

ପୁରୀ ଅଫିସ, ୩୦।୯:

ପୁରୀ ପାରାନୋଳିଆ ସାହିର ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବା ଭୂମି ପ୍ରମାଣପତ୍ର ମିଳିନାହିଁ। ଫଳରେ ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତହସିଲ କାର୍ଯ୍ୟାଳୟରୁ ବିଭିନ୍ନ ପ୍ରମାଣପତ୍ର ପାଇପାରୁନାହାନ୍ତି। ତେଣୁ ତୁରନ୍ତ ଏହି ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରିବାକୁ ବସ୍ତିବାସିନ୍ଦାଙ୍କ ସମେତ ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପୁରୀ ସହରର ପୁରାତନ ବସ୍ତି ମଧ୍ୟରୁ ହରଚଣ୍ଡୀ ସାହିସ୍ଥିତ ପାଳ ନୋଳିଆ ବସ୍ତି ବା ପାରା ନୋଳିଆ ବସ୍ତି ଅନ୍ୟତମ। ଏହି ବସ୍ତିରେ ୭୦ରୁ ୮୦ ଗରିବ ପରିବାର ବାସ କରନ୍ତି। ତେବେ ସରକାର ପୁରୀ ସହରର ବିଭିନ୍ନ ବସ୍ତି ସର୍ଭେ କରି ଭୂମି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ପାରା ନୋଳିଆ ବସ୍ତିରେ ସର୍ଭେ କରାଯାଇ ନାହିଁ କି ଭୂମି ପ୍ରମାଣପତ୍ର ଯୋଗାଇ ଦିଆଯାଇନାହିଁ। ତେଣୁ ତୁରନ୍ତ ପୁରୀ ପୌରସଂସ୍ଥା ପକ୍ଷରୁ ସର୍ଭେ କରାଯାଇ ସରକାରଙ୍କ ନିୟମ ଅନୁଯାୟୀ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବା ଭୂମି ପ୍ରମାଣପତ୍ର ଯୋଗାଇ ଦେବାକୁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ସେ ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ପିପିଲି ଉପନିର୍ବାଚନ ପରେ ଆଗାମୀ ଅକ୍ଟୋବର ୫ରୁ ଏଠାରେ ସର୍ଭେ କରାଯାଇ ନିୟମାନୁଯାୟୀ ପଟ୍ଟା ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ପଟ୍ଟନାୟକ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସରସ୍ୱତୀ



@ ଅକ୍ଷୟ



@ ବଟକ୍ରିଷ୍ଣ



@ ସତ୍ୟଜିତ



@ ସୁନନ୍ଦା



@ ଶ୍ରୀକାନ୍ତ

## ଦାଦାଙ୍କୁ ଆକ୍ରମଣ କରି ପୁତୁରା ଗିରଫ

ନିମାପଡ଼ା,୩୦।୯(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ଅନ୍ତର୍ଗତ ଗଡ଼ଇଟାପୋଖରୀ ନାକଡିହ ଗ୍ରାମରେ ପାରିବାରିକ ବିବାଦକୁ ନେଇ ଦାଦାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ପୁତୁରାଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ସୁଧୀର ଜେନା। ଏ ନେଇ ପୋଲିସ ଏକ ମାମଲା(ନଂ.୩୩୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଧବାର ରାତିରେ ସୁଧୀର ତାଙ୍କ ଦାଦା ମହାଦେବଙ୍କ ସହ ପରିବାରର କଳହକୁ ନେଇ ପାଟିତୁଣ୍ଡ ହୋଇଥିଲେ। ଏଥିରେ ପୁତୁରା ସୁଧୀର ଉତ୍ତ୍ୟକ୍ତ ହୋଇ ଦାଦାଙ୍କୁ ମାଡ଼ ମାରିବା ସହ ଘରେ ଭଙ୍ଗାରୁଜା କରି ନାନା ଧମକ ଦେଇଥିଲେ। ଫଳରେ ଗୁରୁବାର ଦାଦା ମହାଦେବ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୁତୁରାଙ୍କୁ ପଚରାଉଚରା କରି ଗିରଫ କରିଛି। ଏପରିକି ମହାଦେବଙ୍କ ୨ ପୁଅ ବାହାରେ ରହୁଥିବାରୁ ଘରେ କେହି ନ ଥିବାର ସୁଯୋଗ ନେଇ ସୁଧୀର ତାଙ୍କୁ ବାରମ୍ବାର ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ଡଙ୍ଗାରୁ ଖସିପଡ଼ିଲେ ମତ୍ସ୍ୟଜୀବୀ

ପୁରୀ ଅଫିସ, ୩୦।୯:

ଡଙ୍ଗାରୁ ଖସିପଡ଼ି ଜଣେ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ପେଣ୍ଠକଟାର ସି.ଏଚ୍. ରମଣ। ସୂଚନା ଅନୁଯାୟୀ, ରମଣ ଗୁରୁବାର ସକାଳେ ଡଙ୍ଗାରେ ରହି ଜାଲରୁ ମାଛ କାଢୁଥିବା ବେଳେ ଭାରସାମ୍ୟ ହରାଇ ଖସିପଡ଼ିଥିଲେ।

## ଭାରୋତ୍ତୋଳନ ପାରଦର୍ଶିତା କେନ୍ଦ୍ର ପାଇଁ ପ୍ରତିଭା ଅନ୍ୱେଷଣ

ପୁରୀ ଅଫିସ, ୩୦।୯:

ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ପୁରୀରେ ଭାରୋତ୍ତୋଳନ ନିମନ୍ତେ ପ୍ରତିଭା ଅନ୍ୱେଷଣ ଶିବିର ହେବ। ସମୁଦ୍ରକୂଳ ନିକଟସ୍ଥ ଓଡ଼ିଶା ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦରେ ଆସନ୍ତା ଅକ୍ଟୋବର ୨ ଓ ୩ତାରିଖରେ ଏହି ଶିବିର ହେବ। ଯାଗା ଆଖଡାରେ ମଲ୍ଲ ଓ କୁସ୍ତି ପ୍ରଶିକ୍ଷଣ କ୍ଷେତ୍ରରେ ପୁରୀର ସ୍ୱତନ୍ତ୍ର ପରିଚୟ ରହିଛି। ପୁରୀ ଜିଲାର ୧୩ରୁ ୧୮ ବର୍ଷ ବୟସ ମଧ୍ୟରେ ଉଭୟ ବାଳକ ଓ ବାଳିକା ଭାଗ ନେଇପାରିବେ। ଉକ୍ତ ଶିବିରରୁ ମନୋନୀତ ପ୍ରତିଯୋଗୀଙ୍କୁ ଭୁବନେଶ୍ୱରସ୍ଥିତ ହାଇପରଫରମାନ୍ସ ସେଣ୍ଟରରେ ତାଲିମ ଦିଆଯିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି।



ପିପିଲି ଉପନିର୍ବାଚନ ପାଇଁ ଗୁରୁବାର ଏକ ମତଦାନ କେନ୍ଦ୍ର ବାହାରେ ଅପେକ୍ଷାରତ ଭୋଟର ।



ଇଭିଏମ୍ ବାକ୍ସ ଧରି ପୁରୀ ୱେୟାର ହାଉସ୍‌ଠାରେ ପହଞ୍ଚିଥିବା ପୋଲିଂ କର୍ମଚାରୀ ।



ଜିଲାପାଳ ସମର୍ଥ ବର୍ମା ପୁରୀ ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍ ପରିଦର୍ଶନ ଅବସରରେ ନିୟୋଜିତ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

